AROUND ODISHA
Truth in true form
RNI Regd No: ODIENG/2019/77780 BHUBANESWAR www.aroundodisha.com VOLUME - 2 ISSUE - 200 PRICE- Rs.2/- SATURDAY 30 JAN 2021

# Odisha Sits in the Crown of Shreshtha Bharat Right at the Centre - Says Dr Sonal Mansingh at a Webinar at Central University of Odisha



(A.O. Bureau)
Koraput, Jan 29: The Central University of Odisha organized an Online Talk on 'Philosophical Dimensions of Odisha in Odissi' under Ek Bharat Shreshtha Bharat, a flagship programme of the Ministry of Education, Govt. of India. Padma Vibhushan Dr Sonal Mansingh, Member of Parliament (Rajya Sabha) and Founder-President, Centre for Classical Dances, New Delhi, delivered the talk. The Welcome Address was given by Dr Sourav Gupta, Nodal Officer, Ek Bharat Shreshtha Bharat & Faculty, Dept. of J & MC. Where he introduced the philosophy of Ek Bharat Shreshtha Bharat programme as the celebration of India's cultural diversity in unity. Dr Gupta informed that Odisha & Maharashtra are paired and the CUO is paired with MGAHW, Wardha, and student exchange programmes have been carried out. Dr Gupta introduced the speaker, Dr Sonal Mansingh, as an artist of international repute. Dr Mansingh in her speech started with describing Odisha as the land of ancient religion confluence or 'Sanatana Dharma'. The ancient monuments like Rani gumpha from the ages of King Kharabel have been bearing evidence to the existence of Pantha, Jaina, Vaishya, Sourya and Shakta forms of religion. In this context, she also spoke about the temples of Odisha. Explaining the Jagannath culture of Odisha she said that Jagannath as envisioned by Prabhu Shri Chaitanya shows a path from darkness to light. Odissi dance is an 'Oudra-Magadhi' school of art where she explained the various geometrical postures and ways of locomotion also known as 'Chouka'. She deeply remembered her Guru Pandit Kelu Charan Mahapatra and also explained gender perspectives citing ancient texts like 'Laxmipurana Shria Chandaluni'. She went on further to analyze Odia way of music, literature, cuisine, paintings and rock-cut caves and explained the philosophy of Odia art to be a journey towards attaining the divine. The gravitas of Dr Sonal Mansingh has enhanced the culture and music of Odisha via her pioneering Odissi dance exposition and erudite scholarship with refreshing insights. Inspiring as she was, she has motivated the young faculty and students to appreciate and adapt to the nuances of Odia culture. Her in-depth knowledge and passion for Odia culture are seamless, instructive and motivating. The tenets of Sanatana Dharma have been shared lucidly by her with the messages of Lord Jagannath and the spirit of inclusiveness. The ancient relics and the past glory of the Odisha Kingdom hold lessons for a pious and purposeful life now, is her core message. Her uncanny ability to recite the Hindu Shlokas and interpretation of their messages was accomplished by her with consummate ease in her discourse on the occasion of the Ek Bharat Shrestha Bharat Celebrations at the Central University of Odisha, Koraput. Prof. I. Ramabrahmam, Vice Chancellor, CUO is his Presidential address, appreciated Dr Mansingh's efforts to promote Odissi and expressed his desire to start a Centre for Research in Culture and Fine Arts. He requested Dr Mansingh to support the cause of CUO. The vote of thanks was proposed by Dr Phagunath Bhoi, PRO of CUO. The programme was attended by a large number of the audience comprising Prof S K Palita, Dean, SBCNR, Prof Akshay Rout, Prof KC Pradhan, Senior Faculty Members, Students and Research Scholars.

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM
101 YEARS OF PUBLICATION Daily Edition: R.N.I. No. 4005/57 P.R. No. CK(C)/17/2021-2023
୧ ■ ଭାଗ- ୯୨ ସଂଖ୍ୟା- ୩୦ ■ ଆଜି ମକର ୧୮ ଦିନ, ୧୪୨୮ ସାଲ ■ ମାଘ ୧୧ ଦିନ, ୧୯୪୨ ଶକାବ୍ଦ, କୃଷ୍ଣପକ୍ଷ ତୃତୀୟା

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନଲାଇନ ଆଲୋଚନାଚକ୍ର

ସୁନାବେଡ଼ା,୩୦ ।୧(ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ତରଫରୁ ଏକ ଭାରତ ଶ୍ରେଷ୍ଠ ଭାରତ ଆନୁକୂଲ୍ୟରେ ଓଡ଼ିଶୀରେ ଓଡ଼ିଶାର ଦାର୍ଶନିକ ପରିମାଣ ସମ୍ପର୍କିତ ଏକ ଆଲୋଚନା ସୁନାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ଡ. ସୋନାଲ ମାନସିଂହ, ରାଜ୍ୟସଭା ସାଂସଦ ତଥା ନୂଆଦିଲ୍ଲୀସ୍ଥିତ ଶାସ୍ତ୍ରୀୟ ନୃତ୍ୟ କେନ୍ଦ୍ରର ପ୍ରତିଷ୍ଠାତା ଆଲୋଚ୍ୟ ବିଷୟ ଉପରେ ମୁଖ୍ୟବକ୍ତା ଭାବେ ନିଜ ମତ ଉପସ୍ଥାପନ କରିଥିଲେ । ପ୍ରାଚୀନ ଧାର୍ମିକ ସ୍ଥଳୀ ଏବଂ ସନାତନ ଧର୍ମ ତଥା ଜଗନ୍ନାଥ ସଂସ୍କୃତିର ପୀଠ ହିସାବରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ନିଜ ମତ ଉପସ୍ଥାପନ କରି ଡ. ସୋନାଲି ମାନସିଂହ କହିଥିଲେ । ଏଥିସହ ଡ. ମାନସିଂହ ଓଡିଶୀ ନୃତ୍ୟ ଉପରେ ନିଜର ଅଭିଭାଷଣ ପ୍ରଦାନ କରି ଓଡିଶୀ ନୃତ୍ୟର କେତେକ ଭଙ୍ଗୀ ପ୍ରଦର୍ଶନ କରିଥିଲେ ଏବଂ ବିଭିନ୍ନ ହିନ୍ଦୁ ଶ୍ଲୋକ ଉଚ୍ଚାରଣ କରି ସେଗୁଡିକ ବର୍ଣ୍ଣନା କରିବା ସହ ଏହାର ମହନୀୟତା ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ ସଭାପତିତ୍ୱ କରି ପଦ୍ମ ବିଭୂଷଣ ଡ. ସୋନାଲ ମାନସିଂହଙ୍କ ଓଡିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ପ୍ରଚାର ଓ ପ୍ରଚାର କରିଥିବାରୁ ଭୂୟସୀ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟରେ ଏକ କଳା ଓ ସଂସ୍କୃତି ଗବେଷଣାକେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନିଜ ଇଚ୍ଛା ପ୍ରକାଶ କରିଥିଲେ ଏବଂ ଡ. ମାନସିଂହଙ୍କୁ ସମସ୍ତେ ସହଯୋଗ କରିବା ନିମନ୍ତେ ଅନୁରୋଧ କରିଥିଲେ ।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଜାନୁୟାରୀ ୩୧/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, January 31/2021
୧୦ମ ଭାଗ ୨୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

# ଓଡିଶା ତାର ସଂସ୍କୃତି ପାଇଁ ବିଶ୍ୱରେ ପରିଚିତ: ଏସ. ମାନସିଂହ

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ

କୋରାପୁଟ,୩୦।୧(ସ୍ବ.ପ୍ର)

ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଓଡିଶା ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ସୁନାବେଡାସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ସୌରଭ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଭରଚୁଆଲ ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଅଫ କ୍ଲାସିକାଲ ଡ୍ୟାନସ ଅନୁଷ୍ଠାନର ସଭାପତି ପଦ୍ମ ବିଭୂଷଣ ଡ. ସୋନାଲ ମାନସିଂହ ଯୋଗଦେଇ ଓଡିଶା ତାର ପୁରାତନ ସଂସ୍କୃତି ତଥା ସନାତନ ଧର୍ମ ପାଇଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି ବୋଲି ପ୍ରକାଶ କରିଥିଲେ। ଓଡିଶାର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସାରା ବିଶ୍ୱକୁ ସନାତନ ଧର୍ମ , ସଂସ୍କୃତିର ବାର୍ତ୍ତା ଦେଉଛି। ଓଡିଶାର ଓଡିଶୀ ନୃତ୍ୟ ମଧ୍ୟ ବିଶ୍ୱ ଦରବାରରେ ରାଜ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ କହିଲେ ଡ. ମାସସିଂହଙ୍କ ସୂଚନା ଆମେ ବୁଝିପାରୁଛୁ। ବିଶ୍ୱବିଦ୍ୟାଳୟରେ କଳା ଓ ସଂସ୍କୃତି ଉପରେ ସ୍ୱତନ୍ତ୍ର ବିଭାଗ ଖୋଲିବାକୁ ସେ ପରୋକ୍ଷ ସୂଚନା ଦେଇଛନ୍ତି। ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଡିନ ପ୍ରଫେସର ଶରତ କୁମାର ପାଲିତା, ପ୍ରଫେସର ଅକ୍ଷୟ ରାଉତ, କେସି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଡ. ସୋନାଲ ମାନସିଂହ ବକ୍ତବ୍ୟ ରଖୁଛନ୍ତି।

ସକାଳ
THE SAKALA
Jeypore - 01 Feb 2021 - Page 4

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ

**କୋରାପୁଟ,୩୧।୧(ସମିସ)**
କୋରାପୁଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକ ଭାରତ, ଶ୍ରେଷ୍ଠ ଭାରତ ଶୀର୍ଷକ କାର୍ଯ୍ୟକ୍ରମ ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ୍ ସଭାପତିତ୍ୱ କରିଥିବା ବେଳେ ସନାତନ ଧର୍ମ ତଥା ବିଭିନ୍ନ ଭିତିଭୂମି ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କେନ୍ଦ୍ରର ସଭାପତି ତଥା ରାଜ୍ୟସଭାର ସଦସ୍ୟ ପଦ୍ମବିଭୁଷଣ ଡଃ ସୋନାଲ ମାନସିଂହ ଯୋଗଦେଇ ଓଡିଶୀ ନୃତ୍ୟକଳାର ଐତିହାସିକ ଓ ଧାର୍ମିକ ପୃଷ୍ଠଭୂମି ଏବଂ ଏକ ଭାରତ ଶ୍ରେଷ୍ଠ ଭାରତର ମୁଖ୍ୟ ଲକ୍ଷ୍ୟ ଉପରେ ଆଲୋକପାତ କରିବା ସହ ଜଗନ୍ନାଥ ସଂସ୍କୃତି ତଥା ଲକ୍ଷ୍ମୀପୁରାଣର ତାତ୍ପର୍ଯ୍ୟକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ନୋଡାଲ ଅଫିସର ତଥା ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗର ବରିଷ୍ଠ ଅଧ୍ୟାପକ ଡଃ ସୌରଭ ଗୁପ୍ତା ଅନଲାଇନ କାର୍ଯ୍ୟକ୍ରମର ସମନ୍ୱୟକାରୀ ଭାବରେ ସକ୍ରିୟ ଭୂମିକା ସଂପାଦନ କରିବା ସହ ମୁଖ୍ୟ ଅତିଥି ଓ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କାର୍ଯ୍ୟକ୍ରମର ସଫଳ ରୁପାୟନରେ ବିଶ୍ୱବିଦ୍ୟାଳୟର ସମସ୍ତ ସହକାରୀ ଅଧ୍ୟାପକ, ଅଧ୍ୟାପିକା ତଥା ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଲୋକସଂପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ଧନ୍ୟବାଦ ଜ୍ଞାପନ କରିବା ସହ ଅନଲାଇନ କାର୍ଯ୍ୟକ୍ରମକୁ ସମାପନ କରିଥିଲେ ।